## ସଂକ୍ଷେପରେ

### ମହିଳାଙ୍କୁ ମାଡ଼, ଅଭିଯୁକ୍ତ ଗିରଫ

**ଆସିକା,୧୮।୭(ଡି.ଏନ୍.ଏ.):** ଆସିକାଥାନାର କୋଟିନଡା ଫାଣ୍ଡି ଅନ୍ତର୍ଗତ ତରାସିଙ୍ଗ ଗ୍ରାମରେ ଗତ ରବିବାର ବାକିଆ ଟଙ୍କାକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଗାଁ ଦାଣ୍ଡରେ ଟଣାଓଟରା କରିବା ସହ ମାଡ ମାରିବା ଅଭିଯୋଗରେ ପୋଲିସ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସେହି ଗ୍ରାମର କଂଗ୍ରେସ ନାୟକ। ବୁଧବାର ଅପରାହ୍ନରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ହୋଇଥିବା ଅଭିଯୋଗରୁ ପ୍ରକାଶ ଯେ, ଅଭିଯୁକ୍ତ କଂଗ୍ରେସ ଓ ସେହି ଗ୍ରାମର ପ୍ରଫୁଲ୍ଲ ବେହେରା ମିଳିତ ଭାବେ ଗ୍ରାମର ଜଣେ ମହିଳାଙ୍କଠାରୁ ଟଙ୍କା ଧାର ଆଣିଥିଲେ। ଧାର ଟଙ୍କା ପରିଶୋଧ ନ କରି ପ୍ରଫୁଲ୍ଲ ସୁରାଟ ଚାଲି ଯାଇଥିଲେ। ରବିବାର ସକାଳେ କଂଗ୍ରେସ ପ୍ରଫୁଲ୍ଲଙ୍କ ଘର ପାଖକୁ ଯାଇ ଧାରଟଙ୍କାକୁ ନେଇ ପ୍ରଫୁଲ୍ଲଙ୍କ ସ୍ତ୍ରୀଙ୍କୁ ଟଣାଓଟରା କରିବା ସହ ମାଡ ମାରିଥିବା ନେଇ ସେ ଥାନାରେ ଅଭିଯୋଗ କରିଥିବା ଫାଣ୍ଡି ଅଧିକାରୀ ଯୁଧିଷ୍ଠିର ମାଝି ସୂଚନା ଦେଇଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଆସିକା ଥାନାରେ ନଂ.୨୨୭/୧୯ରେ ଏକ ମାମଲାରୁଜୁ କରିଥିଲା।

### ଦୁର୍ଘଟଣା ଘଟାଇଥିବା ଅଟୋରୁ ଗଞ୍ଜେଇ ଜବତ

**ଦିଗପହଣ୍ଡି,୧୮।୭(ଡି.ଏନ.ଏ.):** ରାତ୍ରିକାଳୀନ ପାଟ୍ରୋଲିଂ ସାରି ଘରକୁ ଫେରୁଥିବା ଗୋଲଣ୍ଡା ଗ୍ରାମର ହୋମଗାର୍ଡ ବି.କେ ପଣ୍ଡାଙ୍କ ବାଇକକୁ ଏକ ଡାଲା ଅଟୋ ଧକ୍କା ଦେଇଥିଲା। ହୋମଗାର୍ଡ ଜଣକ ବାଇକରୁ ଖସି ପଡିଥିବା ବେଳେ ଅଟୋଟି ପ୍ରାୟ ୫୦ ମିଟର ଗଡିବା ପରେ ଷ୍ଟାଟ ବନ୍ଦ ହୋଇଥିଲା। ଦିଗପହଣ୍ଡି ପୋଲିସ ଗୁରୁବାର ସକାଳ ପ୍ରାୟ ୮ଟାରେ ନମ୍ବର ବିହୀନ ଉକ୍ତ ଡାଲା ଅଟୋକୁ ଜବତ କରିଛି। ଗଜପତି ଜିଲା ମୋହନାରୁ ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏହି ଅଟୋରୁ ୧୫ କେଜି ଗଞ୍ଜେଇ ଜବତ କରାଯାଇଛି। ଘଟଣାସ୍ଥଳରୁ ଅଟୋ ଚାଳକଙ୍କ ସମେତ ଗଞ୍ଜେଇ ଚାଲାଣକାରୀମାନେ ଫେରାର ହୋଇଯାଇଥିବା ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି। ଚିକିଟି ଏସଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ଦିଗପହଣ୍ଡି ଥାନା ଆଇଆଇସି ସଦଳବଳେ ଘଟଣାସ୍ଥଳରେ ସରଜମିନ ତଦନ୍ତ କରଛନ୍ତି। ଏନେଇ ନଂ.୧୨୮/୧୯ ରେ ଏକ ମାମଲା ରୁଜୁ କରାଯାଇଛି।

୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣା

### ଉଭୟ ପକ୍ଷରୁ ୩ ଜେଲ ଗଲେ

**ଦିଗପହଣ୍ଡି,୧୮।୭(ଡି.ଏନ.ଏ.):** ଘରବାରି ସୀମା ଚିହ୍ନଟକୁ କେନ୍ଦ୍ରକରି ମେ ୧୨ ତାରିଖରେ ଦୁଇ ପରିବାର ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ପୋଲିସ ଉଭୟ ପକ୍ଷରୁ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଘରବାରି ସୀମା ଚିହ୍ନଟକୁ କେନ୍ଦ୍ରକରି ନୂଆପଡ଼ା ଚଢ଼ିଆପଦା ସାହିର ନାରାୟଣ ସେଠୀ ଓ ତାଙ୍କ ଭାଇ ପ୍ରଫୁଲ ସେଠୀଙ୍କ ପରିବାର ମଧ୍ୟରେ ଯୁକ୍ତିତର୍କ ହେବା ପରେ ଉତ୍ତେଜନା ବଢ଼ିଥିଲା। ପ୍ରତିପକ୍ଷଙ୍କ ଠେଙ୍ଗା ମାଡ଼ରେ ନାରାୟଣଙ୍କ ମୁଣ୍ଡ ଫାଟିଥିଲା। ନାରାୟଣ ଠେଙ୍ଗାରେ ପାଲଟା ଆକ୍ରମଣ କରିବାରୁ ଭାଇବୋହୁଙ୍କ ମୁଣ୍ଡ ଫାଟିଥିଲା। ଏନେଇ ଉଭୟ ପକ୍ଷ ଏତଲାକ୍ରମେ ପୃଥକ ମାମଲା (ନଂ.୯୬ ଓ ୯୭/୧୯) ରୁଜୁ ହୋଇଥିଲା। ଗିରଫ ଭୟରେ ଅଭିଯୁକ୍ତମାନେ ଫେରାର ଥିଲେ। ସେମାନେ ଗାଁକୁ ଫେରିଥିବା ଜାଣି ପୋଲିସ ବୁଧବାର ଚଢ଼ାଉ କରିଥିଲା।

■ ଜିଲାପାଳ ଡାକିଲେ ବୈଠକ

# ଗଞ୍ଜାମରେ ସ୍ୱଳ୍ପ ବୃଷ୍ଟି, ଆଶଙ୍କାରେ ଚାଷୀ

**ଛତ୍ରପୁର,୧୮।୭(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ସ୍ୱଳ୍ପ ବୃଷ୍ଟି ଯୋଗୁ ଚାଷକାର୍ଯ୍ୟ ବ୍ୟାହତ ହୋଇଛି। ପରିସ୍ଥିତିର ମୁକାବିଲା କରିବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କୃଷି ବିଭାଗ ସହ ଅନ୍ୟାନ୍ୟ ବିଭାଗ ଅଧିକାରୀଙ୍କୁ ନେଇ ଗୁରୁବାର ଏକ ଜରୁରୀ ବୈଠକ କରି କାର୍ଯ୍ୟ ଖସଡା ପ୍ରସ୍ତୁତ କରିଛନ୍ତି। ଜିଲାରେ ଖରିଫ୍ ଋତୁରେ ମୁଖ୍ୟ ହେଉଛି ଧାନଚାଷ। ଏଠାରେ ଚାଷକାର୍ଯ୍ୟ ଆଗୁଆ ଆରମ୍ଭ ହୋଇଥାଏ। ୪ ଲକ୍ଷ ହେକ୍ଟର ଚାଷ ଜମି ମଧ୍ୟରୁ ଅର୍ଦ୍ଧାଧିକରେ ଧାନ ଚାଷ ହୋଇଥାଏ। ଜୁଲାଇ ମଧ୍ୟ ଭାଗ ସୁଦ୍ଧା ଜିଲାରେ ୨୨୦ ମି.ମି. ବର୍ଷା ହେବା କଥା। ହେଲେ ଯାଏ ମାତ୍ର ୭୦ ମି.ମିରେ ସୀମିତ ରହିଛି। ଧାନତଳି ସମୟ ଅତିକ୍ରାନ୍ତ ହୋଇଯାଇଛି। ଏହି ଅବସ୍ଥାରେ ପ୍ରଶାସନ ଚାଷୀଙ୍କ ନିକଟତର ହେବା ପାଇଁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ସଅଳ କିସମ ଧାନଗୁଡିକର ବିହନ ପୁନର୍ବାର ସଂଗୃହୀତ ହେବ। ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ଚାଷୀଙ୍କୁ ଆବଣ୍ଟନ ହେବ। ଅଣଧାନ ଫସଲ ଯଥା ମୁଗ, ବିରି, ଚିନାବାଦାମ ଆଦି ବିହନ ପର୍ଯ୍ୟାପ୍ତ ମାତ୍ରାରେ ଚାଷୀଙ୍କୁ ଯୋଗାଇ ଦିଆଯିବ। ଧନେଇ, ବାଘୁଆ, ହରଭଙ୍ଗୀ ଓ ଋଷିକୁଲ୍ୟା ପ୍ରକଳ୍ପ ଜଳକୁ ନିୟନ୍ତ୍ରିତ କରି ଚାଷ ଜମିରେ ଜଳସେଚିତ କରାଯିବ। ଏପରି ପରିସ୍ଥିତିରେ ଚାଷୀ କଣ କରିବା ଉଚିତ୍ ତାର ଏକ ପ୍ରଚାର ପତ୍ର ଓଡିଆ ଭାଷାରେ ଲିପିବଦ୍ଧ ହୋଇ ଜିଲାରେ ବଣ୍ଟାଯିବ। କୃଷି ବିଭାଗ ସୋସିଆଲ ମିଡିଆର ବ୍ୟାପକ ବ୍ୟବହାର କରି ଚାଷୀମାନଙ୍କ ପାଖରେ ବାର୍ତ୍ତା ପହଞ୍ଚାଇବେ। ଉଦ୍ୟାନ, କୃଷି ବିଭାଗ ପକ୍ଷରୁ ଆକାଶବାଣୀ ମାଧ୍ୟମରେ ଚାଷୀ ମାନଙ୍କୁ ପରାମର୍ଶ ଦେବେ। ପ୍ରଧାନମନ୍ତ୍ରୀ କୃଷିବୀମାକୁ ବ୍ୟାପକ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଅବଧି ଜୁଲାଇ ୩୧ ତାରିଖ ଥିବା ସ୍ଥଳେ ବୃଦ୍ଧି କରିବା ପାଇଁ ଜିଲାପାଳ ରାଜ୍ୟ ସରକାରଙ୍କୁ ଚିଠି ଲେଖିବେ। ରାଜସ୍ୱ ନିରୀକ୍ଷକ, ଗ୍ରାମ ସେବକ ଓ ବୀମା କମ୍ପାନୀର ଏଜେଣ୍ଟ ମିଳିତ ଭାବେ ଗ୍ରାମୱାରୀ ସ୍ୱଳ୍ପ ବୃଷ୍ଟିର ସର୍ଭେ କରିବେ। ଏଥିରେ ଗ୍ରାମକୁ ଏକକ ଭାବେ ନିଆଯିବ। ଚାଷ ବ୍ୟାହତ ହେଲେ ସମ୍ପୃକ୍ତ ଚାଷୀ କିପରି ବୀମା ରାଶି ପାଇପାରିବ ସେଥିପ୍ରତି ଯତ୍ନଶୀଳ ହେବାକୁ ଜିଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ଋଣ ପାଇଁ ଚଳିତ ବର୍ଷ ୪୬୩ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଏହା ପୂରଣ ହୋଇପାରୁ ନ ଥିବାରୁ ଋଣ ମେଳା ଆୟୋଜନ କରି ଧାର୍ଯ୍ୟଲକ୍ଷ୍ୟ ପୂରଣ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ୧୬୬୨ ଉଠାଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖାଯିବ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟାପକ ବୃକ୍ଷ ରୋପଣ କରିବାକୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଆଇଏଏସ୍ ପ୍ରୋବେସନ କୀର୍ତ୍ତି ଭାସନ ଭି , ଡେପୁଟି କଲେକ୍ଟର ଦିବ୍ୟଲୋଚନ ମହନ୍ତ, କୃଷି ଉପନିର୍ଦ୍ଦେଶକ ମନୋଜ କୁମାର ବେହେରା, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦିଗମ୍ବର ପଣ୍ଡା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇଥିଲେ।

# ଭେଣ୍ଡିଂ ଜୋନ ପ୍ରତିଷ୍ଠା କରି ଥଇଥାନ ଯୋଜନା



ଏନ୍ଏସି ପକ୍ଷରୁ ମାପଚୁପ ଚାଲିଛି।

**ଛତ୍ରପୁର,୧୮।୭(ଡି.ଏନ.ଏ)**

ଛତ୍ରପୁର ଏନଏସି ପକ୍ଷରୁ ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା କରାଯିବ। ଏହି ପରିପ୍ରେକ୍ଷୀରେ ଗୁରୁବାର ଏନଏସି ପକ୍ଷରୁ ସ୍ଥାନୀୟ ଉପଜିଲପାଳଙ୍କ ଅଫିସ୍‌ଠାରୁ ମେଡିକାଲ ପାର୍ଶ୍ୱ -ଏସବିଆଇ ଛକ ପର୍ଯ୍ୟନ୍ତ ମାପଚୁପ କରାଯାଇଥିଲା। ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଛତ୍ରପୁର ହସ୍ପିଟାଲ ପାର୍ଶ୍ୱରେ ଥିବା ୨ଟି ଦୋକାନକୁ ଏନଏସି ପକ୍ଷରୁ ଉଚ୍ଛେଦ ହୋଇଥିଲା। ଅନ୍ୟ ଦୋକାନ ଗୁଡିକୁ ଉଚ୍ଛେଦ ପାଇଁ ଏନଏସି ପକ୍ଷରୁ ନୋଟିସ୍ ଦିଆଯାଇ ସାରିଛି। ସେପଟେ ଦୀର୍ଘ ବର୍ଷ ଧରି ଏଠାରେ ଦୋକାନ କରି ବ୍ୟବସାୟ କରୁଥିବା ଦୋକାନୀମାନେ ଛତ୍ରପୁର ଉପଜିଲାପାଳ ଓ ଏନଏସି ନିର୍ବାହୀ ଅଧିକାରୀଙ୍କୁ ପୂର୍ବରୁ ଭେଟି ଥିଲେ। ଥଇଥାନ କରିବାକୁ ସେମାନେ ଅନୁରୋଧ କରିଥିଲେ। ଉଚ୍ଛେଦ ପରେ ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା କରି କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଥଇଥାନ କରାଯିବ ବୋଲି ଏନଏସି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା।

■ ସଡ଼କ ସୁରକ୍ଷା କମିଟି ବୈଠକ

# ବ୍ଲାକ୍ ସ୍ପଟ୍ ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ


ବୈଠକରେ ଉପସ୍ଥିତ ଉପଜିଲାପାଳ ଏବଂ ଅନ୍ୟମାନେ।

**ଛତ୍ରପୁର,୧୮।୭(ଡି.ଏନ.ଏ)**

ଛତ୍ରପୁର ସବଡିଭିଜନସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଗୁରୁବାର ସ୍ଥାନୀୟ ଉପଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନକୁ ବ୍ଲାକ୍ ସ୍ପଟ୍ ଭାବେ ଚିହ୍ନଟ କରି ସେଠାରେ ଯେଭଳି ଦୁର୍ଘଟଣା କମିବ ସେ ନେଇ ପଦକ୍ଷେପ ନେବାକୁ ଏନ୍ଏଚଏଆଇ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେଥିମଧ୍ୟରେ ଛତ୍ରପୁର ସବଡିଭିଜନ ଅଧିନ ଡିଆରଡିଏ-କଲେଜ ଛକ, ମାୟାପାଟଣାରୁ ଚମାଖଣ୍ଡି-ସୀତାନଗର, ଅନନ୍ତପୁର-ରଘୁନାଥପୁର, ସୂର୍ଯ୍ୟନାରାୟଣପୁରରୁ ପୁଇଁତଳା, ସାନଘାଟି-ଜି.ଗଣ୍ଡାପଲ୍ଲୀ ଓ ଖଲ୍ଲିକୋଟ ଠାରୁ କେଶପୁର ଜାତୀୟ ରାଜପଥ ରହିଛି। ସବୁ ପେଟ୍ରୋଲ ପମ୍ପରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ। ଏହାର ଫୁଟେଜ୍ କଣ୍ଟ୍ରୋଲ ରୁମ୍‌ରେ ମନିଟରିଂ କରାଯିବ। ବିନା ହେଲମେଟ୍‌ରେ ପେଟ୍ରୋଲ ନ ଦେବାକୁ କୁହାଯାଇଛି। ଏଥିରେ ଖିଲାପ କଲେ ସମ୍ପୃକ୍ତ ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି। ପୁଇଁତଳା ଛକରେ ଜାତୀୟ ରାଜପଥ ଉପରକୁ କରିଥିବା ଦୋକାନ ଉଚ୍ଛେଦ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଜାତୀୟ ରାଜପଥରେ ଦୁର୍ଘଟଣା କମାଇବା ଓ ସଚେତନ କରିବା ପାଇଁ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ ୨୧ ତାରିଖରେ ଆୟୋଜନ ହେବ। ବୈଠକରେ ଆରଟିଓ ସଞ୍ଜୟ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାଲିପଦର ବରିଷ୍ଠ ନାଗରିକ ମଞ୍ଚ ବୈଠକ

**ବୁଗୁଡ଼ା,୧୮।୭(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ସତ୍ୟସାଇ ଶିଳ୍ପ ତାଲିମ କେନ୍ଦ୍ରରେ ବୁଧବାର ବାଲିପଦର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି କେ. କୃଷ୍ଣମୂର୍ତ୍ତି ଆଚାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୁଗୁଡ଼ା ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟ ଅଧ୍ୟକ୍ଷ ଗଙ୍ଗାଧର ବିଷୋୟୀ ମୁଖ୍ୟଅତିଥି, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ସମିତିସଭ୍ୟ ମହେନ୍ଦ୍ର ପ୍ରସାଦ ପଣ୍ଡା, ବାଲିପଦର ଉନ୍ନୟନ ପରିଷଦର ସଭାପତି ଲକ୍ଷ୍ମୀ ପ୍ରସାଦ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କର ବିଭିନ୍ନ ସମସ୍ୟା ଓ ବାଲିପଦରରେ ସ୍ୱାସ୍ଥ୍ୟ ସେବା, ଜଳ ଓ ପରିମଳ ବିଷୟରେ ଆଲୋଚନା କରିଥିଲେ। ବାଲିପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ଡାକ୍ତର ପଦବୀ ଖାଲିଥିବା ନେଇ ପ୍ରଶାସନ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରାଯାଇଥିଲେ ମଧ୍ୟ ଏହାର ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଇ ନ ଥିବାରୁ ସଭ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ଶୀଘ୍ର ଡାକ୍ତର ପଦବୀ ପୂରଣ କରିବାକୁ ଏକ ୧୨ ଜଣିଆ କମିଟି ଗଠନ କରାଯାଇ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ ନିମନ୍ତେ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ମଞ୍ଚ ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ରାଜ ଗୋପାଳ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାନନ ପଲାଇ, ପୁରୁଷୋତ୍ତମ ସାହୁ, ମାଧବ ଚନ୍ଦ୍ର ଭୋଳ, ମଙ୍ଗୁଲୁ ପାତ୍ର, ଖଲି ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଛାତ୍ରୀଙ୍କୁ ଟଣାଓଟରା ଅଭିଯୋଗ, ଜଣେ ଗିରଫ

**ଗୋପାଳପୁର,୧୮।୭**

ଜନୈକା ଛାତ୍ରୀ ବିଦ୍ୟାଳୟ ଯାଉଥିବା ବେଳେ ଟଣାଓଟରା ଓ ଧମକ ଚମକ ଦେଇଥିବା ଅଭିଯୋଗରେ ଗୋଳନ୍ଥରା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଘାଟିକିଲୁଆର ଉତ୍ତୁ ନାୟକ। ମଙ୍ଗଳବାର ପୂର୍ବାହ୍ନରେ ଜଣେ ନବମ ଶ୍ରେଣୀ ଛାତ୍ରୀ ଘରୁ ସହପାଠୀଙ୍କ ସହ ବିଦ୍ୟାଳୟକୁ ଯାଉଥିବା ସମୟରେ ଉତ୍ତୁ ସ୍କୁଟିରେ ଆସି ଏକ ଗ୍ରାମ ସମ୍ପର୍କରେ ଛାତ୍ରୀଙ୍କୁ ପଚାରିଥିଲେ। ଛାତ୍ରୀ ଜଣକ ଆଗକୁ ୨ କି.ମି. ପରେ ଗ୍ରାମ ପଡ଼ିବ ବୋଲି କହିଥିଲେ। ଏହାର କିଛି ସମୟ ପରେ ଉତ୍ତୁ ଛାତ୍ରୀଜଣଙ୍କୁ ଟଣାଓଟରା କରିବା ସହ ତାଙ୍କ ବେକ ଧରିଥିଲେ। ତାଙ୍କ ସାଙ୍ଗରେ ଥିବା ଅନ୍ୟ ସହପାଠୀ ଚିତ୍କାର କରିବା ପରେ ଉକ୍ତ ଛାତ୍ରୀଙ୍କୁ ଛାଡ଼ି ଅନ୍ୟ ଛାତ୍ରୀଙ୍କୁ ଗୋଡ଼େଇ ଥିଲେ। ଛାତ୍ରୀମାନେ ଦୌଡ଼ି ଗ୍ରାମକୁ ଚାଲି ଯାଇଥିଲେ। ଏନେଇ ପରିବାର ବର୍ଗଙ୍କୁ ଘଟଣା ସମ୍ପର୍କରେ ଛାତ୍ରୀମାନେ କହିଥିଲେ। ଛାତ୍ରୀଙ୍କ ବାପା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୧୭୨/୧୯ରେ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଉତ୍ତୁ ଗୁରୁବାର ପୂର୍ବାହ୍ନରେ ଘରେ ଥିବା ସମୟରେ ଗୋଳନ୍ଥରା ପୋଲିସ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଗୁରୁବାର ଅପରାହ୍ନରେ ଉତ୍ତୁଙ୍କୁ କୋର୍ଟଚାଲାଣ କରାଯାଇଛି। ଉକ୍ତ ୨ ଛାତ୍ରୀଙ୍କର ଜଜ୍‌ଙ୍କ ନିକଟରେ ବୟାନ ରେକର୍ଡ ହୋଇଥିବା ଜଣାପଡ଼ିଛି।

### ମଦ ଜବତ, ଜଣେ ଗିରଫ

**ଆସିକା,୧୮।୭(ଡି.ଏନ୍.ଏ.)**

ଆସିକା ଥାନା ଅନ୍ତର୍ଗତ ଡୁମ୍ବାଠେଙ୍ଗାପଲ୍ଲି ଏରଗୋଲା ବସା ଉପରେ ଗୁରୁବାର ସକାଳେ ପୋଲିସ ଚଢାଉ କରି ୧୦ଲିଟର ରନ୍ଧା ମଦ ଜବତ କରିଛି। ଏହି ମାମଲାରେ ସେହି ବସାର ଡି. କସ୍ତୁରିଙ୍କୁ ଗିରଫ କରାଯାଇଛି। ଘଟଣାସମ୍ପର୍କରେ ଆସିକା ଥାନାରେ ନଂ.୨୩୦/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

■ ଟାଟା ପ୍ରକଳ୍ପ ଶ୍ରମିକଙ୍କ ଦାବି ପ୍ରସଙ୍ଗ

# ତ୍ରିପାକ୍ଷିକ ଆଲୋଚନା ବୈଠକକୁ ଅପେକ୍ଷା

**ଛତ୍ରପୁର,୧୮।୭(ଡି.ଏନ.ଏ.)**

ଟାଟା ପ୍ରକଳ୍ପ ଶ୍ରମିକମାନଙ୍କ ପକ୍ଷରୁ ବିଭିନ୍ନ ଦାବି ସମ୍ପର୍କରେ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ଅନୁଷ୍ଠିତ ହେବ। ପ୍ରଶାସନ ଓ ପୋଲିସ ଅଧିକାରୀ, ଟାଟା କମ୍ପାନୀ କର୍ତ୍ତୃପକ୍ଷ ଓ ଶ୍ରମିକମାନଙ୍କ ପ୍ରତିନିଧି ଏଥିରେ ଯୋଗଦେବେ। ତେବେ ଏହି ବୈଠକ ଲାଗି ଦିନ ସ୍ଥିର ହୋଇ ନ ଥିବା ଜଣାପଡିଛି। ପ୍ରକାଶଯୋଗ୍ୟ, ଜମି ହରାଇଥିବା ବିସ୍ଥାପିତ ତଥା ଶ୍ରମିକମାନଙ୍କୁ ଟାଟା ଷ୍ଟିଲ୍‌ରେ ନିଯୁକ୍ତି ଦେବା ଦାବି ନେଇ ଆନ୍ଦୋଳନ ହୋଇଆସୁଛି। ଏପରିକି ପ୍ରତିକ୍ରିୟାଶୀଳ ହୋଇ କେତେଜଣ ଶ୍ରମିକ ଗତ ମାସରେ ଟାଟା ପ୍ରକଳ୍ପରେ ଭଙ୍ଗାରୁଜା କରିଥିବା ନେଇ ଟାଟା କମ୍ପାନୀ ପକ୍ଷରୁ ସେତେବେଳେ ଚମାଖଣ୍ଡି ଥାନାରେ ଏତଲା ଦିଆଯାଇଥିଲା। ଏହାକୁ ଭିତି କରି ୮ ଜଣ ଶ୍ରମିକ ଙ୍କ ନାଁରେ ପୋଲିସ ମାମଲା ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ତ୍ରିପାକ୍ଷିକ ଆଲୋଚନା ହୋଇ ଶାନ୍ତି ବଜାୟ ରଖିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ସୋମବାର କେତେକ ଶ୍ରମିକଙ୍କୁ ଡ୍ୟୁଟିକୁ ନଛାଡିବା ଏବଂ ଗିରଫ କରିବାକୁ ପୋଲିସ କହୁଥିବାରୁ ଏହାର ପ୍ରତିବାଦ କରି ବୁଧବାର ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ଅନ୍ୟ ଶ୍ରମିକ ମାନେ ଚମାଖଣ୍ଡି ଥାନା ଆଗରେ ଧାରଣାରେ ବସିଥିଲେ। ଠିକା ସଂସ୍ଥା ବଦଳରେ ଟାଟା ଷ୍ଟିଲ୍ କମ୍ପାନୀରେ ସ୍ଥାୟୀ ନିଯୁକ୍ତି, ମାମଲା ପ୍ରତ୍ୟାହାର ଏବଂ ଆଲୋଚନା ବୈଠକରେ ନିଷ୍ପତି ନେଇପାରୁଥିବା ଟାଟା କମ୍ପାନୀର କର୍ତ୍ତୃପକ୍ଷ ଯୋଗଦେବାକୁ ଶ୍ରମିକ ମାନଙ୍କ ପକ୍ଷରୁ ଦାବି କରାଯାଇଛି।

# କିନ୍ନର ସମାଜ ତରଫରୁ ସଫେଇ କାର୍ଯ୍ୟକ୍ରମ



ସଫେଇ ଓ ସଚେତନ କାର୍ଯ୍ୟକ୍ରମରେ ଉପସ୍ଥିତ କିନ୍ନରମାନେ।

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୧୮।୭(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁଠାରେ କନ୍ଧମାଳ ଜିଲା କିନ୍ନର ସମାଜ ତରଫରୁ ସ୍ୱଚ୍ଛ ଭାରତ ଏବଂ ଏ ସମ୍ପର୍କିତ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ କିନ୍ନର ସମାଜର ନମିତା ପରିଡ଼ା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରୁଷିମାଳ କଲେଜ ଅଧ୍ୟକ୍ଷ ଦେବରାଜ ବଳିଆରସିଂ, ମୁଖ୍ୟବକ୍ତା ଭାବେ ବୃହସ୍ପତି ପ୍ରଧାନ, ସାମାଜିକକର୍ମୀ କିଶୋର ବଳିଆରସିଂ, ବିକ୍ରମ ବସ୍ତ୍ରରାୟ ଉପସ୍ଥିତ ରହି ସ୍ୱଚ୍ଛଭାରତର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ପରିବେଶ ସଫା ରଖିବା ପାଇଁ ଡଷ୍ଟବିନ ବ୍ୟବହାର କରିବାକୁ କୁହାଯାଇଥିଲା। ପରେ ସମାଜ ପକ୍ଷରୁ ବ୍ରାହ୍ମଣୀଗାଁ ବଜାର ସଫେଇ କରାଯାଇଥିଲା। ସଞ୍ଜୁକ୍ତା, ଉପସଭାପତି ପାୟଲ, ବିଷ୍ଣୁପ୍ରିୟା, ରିଙ୍କି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

■ ସୁଧୁରୁନି ପାନୀୟ ଜଳ ସମସ୍ୟା

# ଦାମୋଦରପୁରବାସୀଙ୍କ ରାଜପଥ ଅବରୋଧ

**ଗଞ୍ଜାମ,୧୮।୭(ଡି.ଏନ.ଏ.)**

ଗଞ୍ଜାମ ଏନଏସି ଦାମୋଦରପୁର ଗ୍ରାମ ୧୧ନଂ. ୱାର୍ଡରେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ଲାଗିଛି। ବାରମ୍ବାର ସମସ୍ୟା ନେଇ ଅବଗତ କଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଏହା ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା, ପୁରୁଷ ଗୁରୁବାର ୧୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଶତାଧିକ ଗାଡି ମୋଟର ପ୍ରାୟ ଏକ ଘଣ୍ଟା ଧରି ଅଟକି ରହିଥିଲା। ଗଞ୍ଜାମ ଥାନାଧିକାରୀ ସୁଦାମ ମଲିକ, ଏଏସଆଇ ଶକୁନ୍ତଳା ଦେବୀ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ପୂର୍ବତନ ଏମପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, ଥାନା ଆଇଆଇସି ଓ ଗ୍ରାମବାସୀଙ୍କ ମଧ୍ୟରେ ଏ ନେଇ ଆଲୋଚନା ହୋଇଥିଲା। ଅପରାହ୍ନରେ ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କ ସହ କଥାବାର୍ତ୍ତା କରାଯାଇ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକ ହଟିଥିଲା। ଅପରାହ୍ନରେ ଏସ୍‌ଡିଓ ଦାୟିତ୍ୱରେ ଥିବା ରମେଶ ଚନ୍ଦ୍ର ପଟ୍ଟନାୟକ, ପିଏଚ୍‌ଡି କନିଷ୍ଠ ଯନ୍ତ୍ରୀ ଆଶିଶ କୁମାର ବରାଳ, ସାଉଥ୍‌କୋ କନିଷ୍ଠ ଯନ୍ତ୍ରୀ, ଗଞ୍ଜାମ ବିଦ୍ୟୁତ୍ ସେକ୍ସନ ସୁପରଭାଇଜର, ଆଇଆଇସି ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ପରୀକ୍ଷାମୂଳକ ଭାବେ ୩ଦିନ ଗ୍ରାମକୁ ପାଣି ଛଡାଯିବ ପରେ ଏହାରସ୍ଥାୟୀ ସମାଧାନ କରାଯିବ ବୋଲି କହିଥିଲେ।


ମହିଳାମାନେ ରାସ୍ତାରୋକୋ କରିଛନ୍ତି।

# ଓଡିଆରପି ଘରେ ନ ରହିଲେ ତାଲିକାରୁ ବାଦ୍

**ଚିକିଟି,୧୮।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟି ବ୍ଲକ୍ ସମୁଦ୍ର ତଟବର୍ତ୍ତୀ ଚନ୍ଦନବାଡ ଓ ସୋରଳ ଗ୍ରାମରେ ପୃଥକ ପୃଥକ ଭାବେ ଗୁରୁବାର ମଧ୍ୟାହ୍ନରେ ଓଡିଆରପି ଘର ପାଇଥିବା ବ୍ୟକ୍ତି ଓ ପ୍ରଶାସନ ପକ୍ଷରୁ ମିଳିତ ଆଲୋଚନା ସଭା ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଯୋଗଦେଇ ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ବାତ୍ୟା ନିରୋଧକ ଗୃହରେ ଘର ପାଇଥିବା ସମୁଦ୍ର ତଟବର୍ତ୍ତୀ ଲୋକଙ୍କୁ ରହିବା ପାଇଁ ପରାମର୍ଶ ଦେଇଥିଲେ। ୨ଦିନ ମଧ୍ୟରେ ହିତାଧିକାରୀ ନିଜ ଗୃହକୁ ପ୍ରବେଶ ନକଲେ ତାଙ୍କୁ ତାଲିକାରୁ ବାଦ୍ ଦିଆଯିବ ବୋଲି ସେ ତାଗିଦ କରିଥିଲେ।

ସୂଚନାଯୋଗ୍ୟ, ଚିକିଟି ବ୍ଲକ୍‌ର ୬ଟି ପଞ୍ଚାୟତର ସମୁଦ୍ର ତଟବର୍ତ୍ତୀ ଗ୍ରାମ କଟୁରୁ, ଅଲାଡିପୁର, ଏକ୍‌ସିଙ୍ଗି, ସୋରଳ, କଇଠା, ଗୋବିନ୍ଦପୁର, ଚନ୍ଦନବାଡ, ଦୟାନିଧିପେଣ୍ଠ, ସୁନୁପୁର, ଆରୁଆସୁନୁପୁର, ପାଟିସୁନୁପୁର ଆଦି ୧୦ ଗ୍ରାମର ୩୧୦୬ ପରିବାରକୁ ସ୍ଥାନାନ୍ତରିତ କରାଯାଇ ନିରାପଦ ସ୍ଥାନକୁ ଆଣିବା ପାଇଁ ସରକାର ୨୦୧୩ ଫାଇଲିନ୍ ବାତ୍ୟାପରେ ଏହି ଯୋଜନା କରିଛନ୍ତି। ଏହି ଯୋଜନାରେ ଚନ୍ଦନବାଡ ଗ୍ରାମରେ ୩୪୨ ଗୃହ ଓ ସୋରଳ ଗ୍ରାମରେ ୨୯୩ ବାତ୍ୟା ନିରୋଧକ ଗୃହ ନିର୍ମାଣ କରାଯାଇଛି। ସେହିଭଳି ୧୦ଗୋଟି ଗ୍ରାମରେ ୩୧୦୬ ଘର ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଛି। ଦୀର୍ଘଦିନ ହେଲା ଏହି ଗୃହ ଗୁଡିକ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ହିତାଧିକାରୀ ସ୍ଥାନାନ୍ତର ହେଉନାହାନ୍ତି।


ଆଲୋଚନା ସଭାରେ ଉପସ୍ଥିତ ପ୍ରଶାନିକ ଅଧିକାରୀ ଓ ଅନ୍ୟମାନେ।

ସଭାରେ ଚିକିଟି ବିଡିଓ ଫାଲ୍‌ଗୁନୀ ମାଝି, ତହସିଲ୍‌ଦାର ହରପ୍ରସାଦ ଭୋଇ, ଓଡିଆରପି କନିଷ୍ଠ ଯନ୍ତ୍ରୀ ରାକେଶ କୁମାର ବେହେରା, ଗୋଷ୍ଠୀ ସଂଯୋଜକ ପ୍ରଭାତ ରଞ୍ଜନ ସାହୁ, ଜି. ସଂଗ୍ରାମ ଚୌଧୁରୀ, କନିଷ୍ଠଯନ୍ତ୍ରୀ ସୁଦାମ ମିଶ୍ର, ଜ୍ୟୋତି ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ସୁନୀଲ କୋର୍ଟରେ ହାଜର ପୁଣି ଏକ ମାମଲାରେ ଜଡ଼ିତ

**ବ୍ରହ୍ମପୁର ଅଫିସ,୧୮।୭:** ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିବା ସୁନୀଲ ବେହେରାଙ୍କୁ ଗୁରୁବାର କଡା ନିରାପତ୍ତାରେ ଏସ୍‌ଡ଼ିଜେମଙ୍କ କୋର୍ଟରେ ହାଜର କରାଯାଇଥିଲା। ୨୦୧୫ରେ ସୁନୀଲଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ଏକ ମାମଲା ହୋଇଥିଲା। ସେ ଉକ୍ତ ମାମଲାରେ ଧରାପଡି ନ ଥିବା ବେଳେ ଜୁନ ୧୧ ତାରିଖରେ ବ୍ରହ୍ମପୁର ରେଳଷ୍ଟେଶନ ୪ ନଂ. ପ୍ଲାଟଫର୍ମ ନିକଟରେ ବୋମା ଧରି ଯାତ୍ରୀଙ୍କୁ ଧମକ ଚମକ ଦେବା ଅଭିଯୋଗରେ ଗୋଷାଣୀନୂଆଗାଁ ପୋଲିସ ମାମଲା ନଂ. ୬୨/୧୯ରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ନିରାପତ୍ତା ଆଇନ ବଳରେ ଅଟକ ରଖାଯାଇଥିଲା। ଗୁରୁବାର ସୁନୀଲଙ୍କ ବିରୋଧରେ ବୈଦ୍ୟନାଥପୁର ଥାନାରେ ହୋଇଥିବା ଏକ ମାମଲାରେ କୋର୍ଟ ତାଙ୍କୁ ଜଡିତ କରିଥିବା ଜଣାପଡିଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧୮।୭:** ବଡବଜାର ଥାନା ପୋଲିସ ଗୁରୁବାର ଜଣେ ଲୋକଙ୍କ ଘରୁ ୧୩.୪୦୦ କେଜି ଗଞ୍ଜେଇ ଜବତ କରିଛି। ବେପାରୀ ଷଣ୍ଢ ମହାନ୍ତି ସାହିର ଜଳନ୍ଧର ସାହୁ (୫୭)ଙ୍କୁ ମାମଲା ନଂ. ୧୧୭/୧୯ରେ ଗିରଫ କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ବୈଠକ

**ବ୍ରହ୍ମପୁର ଅଫିସ,୧୮।୭:** ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ବୈଠକ ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ପ୍ରଫେସର ଡ. ରବିନାରାୟଣ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ଉପଦେଷ୍ଟା ପ୍ରଫେସର ଡ.ବ୍ରଜ ମୋହନ ଶାସମଲ, କାର୍ଯ୍ୟକାରୀ ସଭାପତି ରାଧା ଚରଣ ନାୟକ ଏବଂ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ ସହ ଜୁଲାଇରେ ଜନ୍ମିତ ସଦସ୍ୟା ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟର ଯତ୍ନ ଓ ମାନସିକ ସନ୍ତୁଳନ ପାଇଁ ଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସାଂଗଠନିକ ଆଲୋଚନା ମଧ୍ୟ ହୋଇଥିଲା । ଅଗଷ୍ଟ ୧୮ତାରିଖରେ ସ୍ୱନକ୍ଷତ୍ର ଉତ୍ସବ ପାଳନ ପାଇଁ ସ୍ଥିର କରାଯାଇଥିଲା। କୋଷାଧକ୍ଷ ନରସିଂହ ପାଣିଗ୍ରାହୀ ଆୟ ବ୍ୟୟର ହିସାବ ଉପସ୍ଥାପନ କରିଥିଲେ । ଆଇନ ପରିମର୍ଶଦାତା ବରିଷ୍ଠ ଅଧିବକ୍ତା ଜିତେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ରଜନୀକାନ୍ତ ମଣ୍ଡଳ, ବିଜୟ କୁମାର ପାଢୀ, ଡ.ପ୍ରାଣଚାନ୍ଦ ପଣ୍ଡା, ହାଡିବନ୍ଧୁ ମାଳି, ଚିତ୍ତରଞ୍ଜନ ପଣ୍ଡା, ଭିକାରୀ ଚରଣ ମହାପାତ୍ର, ମନ୍ମଥ ପାଢୀ, ଗୋପାଳକୃଷ୍ଣ ପାଢୀ, ସ୍ୱର୍ଣପ୍ରଭା ମିଶ୍ର, ପ୍ରମୋଦିନୀ ପଣ୍ଡା, ସ୍ୱର୍ଣପ୍ରଭା ପାଢୀ, ଲଡୁକେଶ ମିଶ୍ର, ଇଂ. ଆଶୁତୋଷ ପାତ୍ର, ବିଚିତ୍ରାନନ୍ଦ ବେବର୍ତ୍ତା, ରାମକୃଷ୍ଣ ଆଚାରୀ, ଇ.ଦିଲେଶୁ ରେଡ୍ଡୀ ଓ ପଦ୍ମଚରଣ ପରିଡା ପ୍ରମୁଖ ଯୋଗ ଦେଇଥିଲେ ।

**ଯୁକ୍ତ ୩ ନାମଲେଖା**

# ପ୍ରକାଶ ପାଇଲା ମେଧା ତାଲିକା

**ବ୍ରହ୍ମପୁର ଅଫିସ୍,୧୮।୭**

ଚଳିତ ବର୍ଷ ଯୁକ୍ତ ୩ରେ ନାମ ଲେଖାଇବା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଗୁରୁବାର ପ୍ରକାଶ ପାଇଛି । ଏଥିସହ ପ୍ରକାଶ ପାଇଛି କଟ୍‌ଅଫ୍ ମାର୍କ । ଗଞ୍ଜାମ ଜିଲାରେ ଶଶୀଭୂଷଣ ରଥ ସରକାରୀ ସ୍ୱୟଂ ଶାଶିତ ମହିଳା ମହାବିଦ୍ୟାଳୟ ଏବଂ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନେକ ବିଷୟ କଟ୍‌ଅଫ୍‌ରେ ଟପ୍‌ରେ ରହିଛି। ବିଶେଷକରି ଏହି ଦୁଇଟି ମହାବିଦ୍ୟାଳୟରେ ବହୁ ବିଷୟରେ ସମ୍ମାନ(ଅନର୍ସ) ପାଠ୍ୟକ୍ରମ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ଏଠାରେ ନାମ ଲେଖାଇବା ପାଇଁ ଅଧିକ ପସନ୍ଦ କରିଥିବା ଅନୁମାନ କରାଯାଉଛି ।

ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନରେ କଟ୍‌ଅଫ୍ ମାର୍କ ୭୯.୧୭ପ୍ରତିଶତ ରହିଥିବା ବେଳେ ଗଣିତରେ ୭୮.୬୭, ରସାୟନ ବିଜ୍ଞାନରେ ୭୮.୫୦, ପ୍ରାଣୀ ବିଜ୍ଞାନରେ ୭୭, ଭୂତତ୍ତ୍ୱ ବିଜ୍ଞାନରେ ୭୨, ବାଣିଜ୍ୟରେ ୭୧.୬୭, ଉଦ୍ଭିଦ ବିଜ୍ଞାନରେ ୭୧.୩୩, କମ୍ପ୍ୟୁଟର୍ ବିଜ୍ଞାନରେ ୭୧.୩୩, ଶିକ୍ଷାରେ ୬୮.୧୭, ରାଜନୀତି ବିଜ୍ଞାନରେ ୬୮, ଅର୍ଥନୀତିରେ ୬୩.୧୭, ଓଡ଼ିଆରେ ୬୦.୮୩, ଇଂଲିଶରେ ୬୦.୫୦, ଇତିହାସରେ ୬୦, ନୃତତ୍ତ୍ୱ ବିଜ୍ଞାନ(ବିଜ୍ଞାନ)ରେ ୬୦, ହିନ୍ଦୀରେ ୫୩.୫୦, ନୃତତ୍ତ୍ୱ ବିଜ୍ଞାନ(କଳା) ୪୮.୧୭, ଦର୍ଶନଶାସ୍ତ୍ରରେ ୪୮ ଏବଂ ଗଣିତ(କଳା)ରେ ୩୫.୧୭ପ୍ରତିଶତ ରହିଛି। ସେହିଭଳି ଶଶୀଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ରସାୟନ ବିଜ୍ଞାନରେ କଟ୍‌ଅଫ୍ ମାର୍କ ୭୪.୮୩ପ୍ରତିଶତ ରହିଥିବା ବେଳେ ପଦାର୍ଥ ବିଜ୍ଞାନରେ ୭୪.୮୦, ପ୍ରାଣୀ ବିଜ୍ଞାନରେ ୭୩, ଅର୍ଥନୀତିରେ ୭୦.୧୭, ରାଜନୀତି ବିଜ୍ଞାନରେ ୬୯.୮୩, ଉଦ୍ଭିଦ ବିଜ୍ଞାନରେ

**ଶଶୀଭୂଷଣ, ଖଲ୍ଲିକୋଟ କଟ୍‌ଅଫ୍‌ରେ ଟପ୍**

୬୯.୮୦, ଗଣିତ(ବିଜ୍ଞାନ)ରେ ୬୭.୮୩, ଶିକ୍ଷାରେ ୬୪.୫୦, ଓଡ଼ିଆରେ ୬୪.୩୩, ବାଣିଜ୍ୟରେ ୬୩, ଇତିହାସରେ ୬୧.୫୦, ଇଂଲିଶରେ ୫୭.୫୦, କମ୍ପ୍ୟୁଟର୍ ବିଜ୍ଞାନରେ ୫୫.୩୩, ଗୃହ ବିଜ୍ଞାନରେ ୫୦.୩୩, ମନସ୍ତତ୍ତ୍ୱ ବିଜ୍ଞାନରେ ୪୭, ଦର୍ଶନଶାସ୍ତ୍ରରେ ୩୯.୧୭ ଏବଂ ସଂସ୍କୃତରେ କଟ୍‌ଅଫ୍ ମାର୍କ ୩୫ପ୍ରତିଶତ ରହିଛି। ଅନ୍ୟପଟେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଭିତରେ ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ରମାନେ ପସନ୍ଦ କରୁଛନ୍ତି । ପଦାର୍ଥ ବିଜ୍ଞାନରେ ୬୬.୧୭, ରସାୟନ ବିଜ୍ଞାନରେ ୬୩.୬୭, ଗଣିତରେ ୪୪.୮୩, ଭୂତତ୍ତ୍ୱ ବିଜ୍ଞାନରେ ୫୦.୩୩, କମ୍ପ୍ୟୁଟର୍ ବିଜ୍ଞାନରେ ୪୫.୬୭, ଉଦ୍ଭିଦ ବିଜ୍ଞାନରେ ୫୬.୮୦ ଏବଂ ପ୍ରାଣୀ ବିଜ୍ଞାନରେ ୬୪.୮୩ପ୍ରତିଶତ ରହିଛି ।

ଏତଦ୍ ବ୍ୟତୀତ ଅନ୍ୟ କେତେକ ମହାବିଦ୍ୟାଳୟରେ ମଧ୍ୟ କଟ୍‌ଅଫ୍ ମାର୍କ ୭୦ପ୍ରତିଶତରୁ ଅଧିକ କିମ୍ବା ଏହାର ଆଖାପାଖରେ ରହିଛି। ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନରେ କଟ୍‌ଅଫ୍ ମାର୍କ ୭୨.୩୩ପ୍ରତିଶତ ରହିଛି। ଖଲ୍ଲିକୋଟସ୍ଥିତ ଆର୍‌ସିଏମ୍ ବିଜ୍ଞାନ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନରେ କଟ୍‌ଅଫ୍ ମାର୍କ ୭୦ପ୍ରତିଶତ ରହିଛି ଯାହା ଜିଲାରେ ସର୍ବାଧିକ। ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟ ରସାୟନ ବିଜ୍ଞାନରେ କଟ୍‌ଅଫ୍ ମାର୍କ ୬୮.୬୭ ପ୍ରତିଶତ ରହିଛି ।

ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରୀଛାତ୍ରମାନେ ୧୯ରୁ ୨୩ତାରିଖ ଭିତରେ ନାମ ଲେଖାଇବେ । ଅଗଷ୍ଟ ୫ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ତାଲିକା ପ୍ରକାଶ ପାଇବ ।

# ବିଭିନ୍ନ କିସମର ମଞ୍ଜି ରୋପଣ



ମଞ୍ଜି ରୋପଣରେ ଭାଗ ନେଇଥିବା ପରିବେଶ କର୍ମୀମାନେ ।

**ବ୍ରହ୍ମପୁର ଅଫିସ୍,୧୮।୭**

ବ୍ରହ୍ମପୁର ସହର ଉପକଣ୍ଠ ଗୁଣ୍ଠବନ୍ଧ ଗ୍ରାମ ନିକଟସ୍ଥ ଚନ୍ଦନିଆ ପାହାଡରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ, ଆଞ୍ଚଳିକ ବିକାଶ ପରିଷଦ ଏବଂ ବ୍ରହ୍ମପୁର ସବୁଜ ବାହିନୀ ତରଫରୁ ପ୍ରାୟ କୋଡିଏ ହଜାର ବିଭିନ୍ନ କିସମ ବୃକ୍ଷ ମଞ୍ଜି ଯଥା ତେନ୍ତୁଳି, ବାଉଁଶ, ଚାକୁଣ୍ଡା, ପଣସ, କୃଷ୍ଣ ଚୂଡା ଓ ରାଧା ଚୂଡା ଆଦି ରୋପଣ କରାଯାଇଥିଲା। ପୂର୍ବରୁ ଏହି ପାହାଡରେ ଭାଲୁ, ମୟୂର, ଗୋଧି ଆଦି ସରୀସୃପ ସମେତ ଅନେକ ବନ୍ୟଜନ୍ତୁଙ୍କର ବାସସ୍ଥଳୀ ଥିଲା । ବିଭିନ୍ନ କାରଣରୁ ବର୍ତ୍ତମାନ ଏମାନେ ବିଲୁପ୍ତ ଦ୍ୱାର ଦେଶରେ। ଜନବସତି ମୁହାଁ। ଏମାନଙ୍କ ସୁରକ୍ଷା ପାଇଁ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଧୀର ରାଉତଙ୍କ ନେତୃତ୍ୱରେ ପ୍ରାୟ କୋଡିଏରୁ ଊର୍ଦ୍ଧ୍ୱ ପ୍ରକୃତି ପ୍ରେମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମ ସୁନ୍ଦର ଖାଡଙ୍ଗା, ସୁଶାନ୍ତ ମହାନ୍ତି, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ରାକେଶ ବିଷୋୟୀ, ଧର୍ମରାଜ ପାତ୍ର, ସଞ୍ଜୟ ପାତ୍ର, ବିକାଶ ବିଷୋୟୀ, ଲିଙ୍ଗରାଜ ଆଚାରୀ, ସବୁଜ ବାହିନୀ ସମ୍ପାଦକ ଏମ୍. ଦିଲୀପ କୁମାର, ବନମାଳୀ ପ୍ରଧାନ, ଅରବିନ୍ଦ ଦେଶୀବେହେରା ଓ ପ୍ରକାଶ କୁମାର ପ୍ରମୁଖ ଯୋଗ ଦେଇଥିଲେ ।

# ଯୁକ୍ତ ୨ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ


ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଛାତ୍ରୀଛାତ୍ରମାନେ ।

**ବ୍ରହ୍ମପୁର ଅଫିସ୍,୧୮।୭**

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରଙ୍କର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଡ. ରମା ରମଣ ପାଢୀ, ଅବସର ପ୍ରାପ୍ତ ଅଧକ୍ଷ, ମୁଖ୍ୟବକ୍ତା ଡ. ଶାନ୍ତନୁ କୁମାର ରଥ, ଅବସରପ୍ରାପ୍ତ ନିର୍ଦ୍ଦେଶକ, ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ପାଢୀ ଛାତ୍ରଛାତ୍ରୀଙ୍କୁ ଜୀବନର ମୂଲ୍ୟବୋଧ ହୃଦୟଙ୍ଗମ କରି ଦିବ୍ୟଗୁଣ ଧାରଣ କରିବା ଦ୍ୱାରା ଜୀବନର ମହନୀୟତା ପ୍ରତିପାଦିତ ହୁଏ ବୋଲି କହିଥିଲେ । ଜୀବନର ସାର୍ଥକତା ପ୍ରମାଣିତ କରିବାକୁ ହେଲେ ସଫଳତା ସ୍ରୋତକୁ ଆହୁରି ତ୍ୱରାନ୍ୱିତ କରିବାକୁ ହେବ ବୋଲି ସେ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ରଥ ଛାତ୍ରୀଛାତ୍ରଙ୍କୁ ଦିବ୍ୟାଶିଷ, ପ୍ରାର୍ଥନା, ଅନୁଶାସନ, ମୂଲ୍ୟବୋଧ, ଶୁଦ୍ଧମନ, ପ୍ରତିକୂଳତା, ସନ୍ତୁଷ୍ଟି, ପାଠ୍ୟାନ୍ତର, ସ୍ୱାତନ୍ତ୍ର୍ୟ, ସ୍ୱାର୍ଥୋତ୍ତରଣ ଏହି ୧୦ଟି ଦିବ୍ୟଗୁଣ ଧାରଣ କରିବା ଦ୍ୱାରା ଜୀବନର ମହନୀୟତା ପ୍ରତିପାଦିତ ହୁଏ ବୋଲି କହିଥିଲେ । ଚଳିତ ଯୁକ୍ତ ୨ବାଣିଜ୍ୟ ପରୀକ୍ଷାରେ ସାରା ରାଜ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଛାତ୍ର ବେଦାନ୍ତ ଶର୍ମା, ପଞ୍ଚମ ସ୍ଥାନ ଅଧିକାର କରିଥିବା ଛାତ୍ର ଅବିନାଶ ଜେନା ଏବଂ ମହାବିଦ୍ୟାଳୟର ପ୍ରଥମ ୧୦ ସ୍ଥାନରେ ଥିବା ଛାତ୍ରୀଛାତ୍ର ଯଥା ବାଲାଜୀ ସାହୁ, ରୋହିତ ପଟ୍ଟନାୟକ, ସିଦ୍ଧାର୍ଥ ସାବତ, ଯୁ. ସାହିଲ ପାତ୍ର, ପାରସ କୁମାର ପାତ୍ର, ହର୍ଷିତା ପ୍ରିୟଦର୍ଶିନୀ ସାହୁ, ଲିଙ୍କନ କୁମାର ବେହେରା, ହିତେଶ ପାଣିଗ୍ରାହୀ, କେଭିଏଲ୍. ଆତ୍ରେୟ ମନୀଷ, ସୁଦେଶ ପାଢୀ, ବିଶ୍ୱନାଥ ଦ୍ୱିବେଦୀ, କାଜଲ ସାହୁ, ସୁଧାଂଶୁ ପାଢୀ ଓ ସେମାନଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟରେ ପଞ୍ଚମ ସ୍ଥାନ ଅଧିକାର କରିଥିବା ଛାତ୍ର ପାରସ କୁମାର ପାତ୍ର ଏବଂ ଷଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସୁଶ୍ରୀ ହର୍ଷିତା ପ୍ରିୟଦର୍ଶିନୀ ସାହୁ ନିଜ ଅନୁଭୂତି କହିଥିଲେ। ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ତାଙ୍କର ଉଦ୍ଦେଶ୍ୟ ଜ୍ଞାପନ ମାଧ୍ୟମରେ ଆମେ ପିତାମାତାଙ୍କ ଋଣ, ଋଷିଋଣ, ମାତୃଭୂମି ଋଣ ପରିଶୋଧ କରିବାକୁ ପଡିବ ବୋଲି କହିଥିଲେ। ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଭ୍ୟ ତଥା ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ଉପସ୍ଥିତ ଥିଲେ। ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ଡ. ହରିକୃଷ୍ଣ ନାୟକ ଅଧକ୍ଷତା କରିଥିବା ବେଳେ ଏସ୍. ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧକ୍ଷ ରବୀନ୍ଦ୍ରନାଥ ଜେନା ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଇଂଲିଶ ବିଭାଗର ବରିଷ୍ଠ ଅଧାପିକା ମୋନାଲିସା ପାଢୀ। ଶେଷରେ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧାପକ ସୁଧାଂଶୁ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ଧୀର ସାମଲ ହତ୍ୟା ମାମଲା**

## ୨ରେ ହେବ ସାକ୍ଷ୍ୟ ଗ୍ରହଣ

**ବ୍ରହ୍ମପୁର ଅଫିସ,୧୮।୭**

୨୦୧୦ ଜୁଲାଇ ୨୨ ରେ ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଛକର ଧୀର ସାମଲଙ୍କୁ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଏହି ମାମଲାର ବିଚାର ଏବେ ଜିଲା କୋର୍ଟରେ ଚାଲିଛି। ସାକ୍ଷୀମାନଙ୍କୁ ବିଚାର ବେଳେ କୋର୍ଟରେ ହାଜର ନ ହେବାକୁ ଧମକ ମିଳିଛି। ସେମାନଙ୍କର ଜୀବନ ପ୍ରତି ବିପଦ ରହିଛି। ଏଣୁ ସେମାନେ ନିଜ ନିଜର ସୁରକ୍ଷା ପାଇଁ ବ୍ରହ୍ମପୁର ଏସ୍‌ପି ଓ ଜିଲା ଜଜ୍‌ଙ୍କ ନିକଟକୁ ଚିଠି କରି ଗୁହାରି ଜଣାଇଛନ୍ତି। ଏହି ବହୁଚର୍ଚ୍ଚିତ ହତ୍ୟା ମାମଲାକୁ ବର୍ତ୍ତମାନ ୯ ବର୍ଷ ପୂରିଲାଣି । ଏହି ମାମଲାର ବିଚାର ବେଳେ ସାକ୍ଷୀମାନେ କୋର୍ଟକୁ ଆସି ବୟାନ ଦେଉଛନ୍ତି । ଆସନ୍ତା ୨ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ସାକ୍ଷୀମାନେ ଏବେ ନିଜକୁ ସୁରକ୍ଷିତ ମନେ କରୁ ନ ଥିବାରୁ ଜିଲା କୋର୍ଟ କାର୍ଯ୍ୟାଳୟ ଓ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଚିଠି ଦେଇଛନ୍ତି। ଧୀରଙ୍କୁ ହତ୍ୟା କରାଯିବା ପରେ ତାଙ୍କ ସ୍ତ୍ରୀ ଏନେଇ ବଡ଼ବଜାର ଥାନାରେ ଏତଲା ଦେଇଥିଲେ। ଘଟଣାର ତଦନ୍ତ କରି ପୋଲିସ ତୁମ୍ନନାଥ ସୁବୁଦ୍ଧି, କୃଷ୍ଣଚନ୍ଦ୍ର ପାତ୍ର, ମଙ୍ଗୁଲୁ ବେହେରା, ରିଙ୍କୁ ପାତ୍ର, କାଳିଆ ସେଠୀ, ସନ୍ତୋଷ ପାତ୍ର, ପିଙ୍କୁ ପାତ୍ର, ସନିଆ ରାଉତଙ୍କ ସମେତ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

# ଘରେ ପଶି ମହିଳାଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର ଅଫିସ,୧୮।୭**

ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମରେ ରହୁଥିବା ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଆକ୍ରମଣ କରିବା ସହ ଅସଦାଚରଣ କରିଥିବା ଅଭିଯୋଗରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଲାଠୀ ଗ୍ରାମର ଶିବ ଗୌଡ଼ (୩୨)। ମାମଲା ନଂ. ୧୭୩/୧୯ରେ ଶିବଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବୁଧବାର ରାତିରେ ଲାଠୀ ତଳ ସାହିରେ ରହୁଥିବା ଜଣେ ମହିଳାଙ୍କ ଘରେ ଶିବ ତାଙ୍କୁ ଆକ୍ରମଣ କରିବା ସହ ଅସଦାଚରଣ କରିଥିଲେ। ଏପରିକି ତାଙ୍କ ଘରେ ଥିବା ୩ଟି କବାଟ ଓ ଏକ କାଠ ପେଡି ଲୁଟି ନେଇଥିଲେ। ମହିଳା ଜଣକ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବୁଧବାର ବିଳମ୍ବିତ ରାତିରେ ଶିବଙ୍କୁ ଗିରଫ କରିଥିବା କହିଛି।

# ସ୍କ୍ରାପ୍‌ରେ ୭୦ ଫୁଟର ଗିଟାର ନିର୍ମାଣ କଲେ ଛାତ୍ରୀଛାତ୍ର

**ବ୍ରହ୍ମପୁର ଅଫିସ,୧୮।୭**

**ପୁଣି ଚର୍ଚ୍ଚାରେ ବ୍ରହ୍ମପୁର ଆଇଟିଆଇ**

ଆବର୍ଜନା ତଥା ସ୍କ୍ରାପ୍ ସାମଗ୍ରୀରୁ ବହୁ କ୍ଷୁଦ୍ର ଓ ବୃହତ୍ ମଡେଲ ପ୍ରସ୍ତୁତ କରି ସାରା ଭାରତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବ୍ରହ୍ମପୁର ଆଇଟିଆଇ । ୩୨ ଫୁଟ ଉଚ୍ଚତା ମଧ୍ୟରେ ବିଭିନ୍ନ ସ୍କ୍ରାପ୍ ତଥା ଆବର୍ଜନାରେ ପେଡିଏଟର, ମାଛ, ହରିଣ, ଜିରାଫ ପ୍ରଭୃତି ବୃହତ୍‌କାୟ ମଡେଲ ନିର୍ମାଣ କରି ଏହି ଅନୁଷ୍ଠାନ ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ସହ ପ୍ରଶଂସିତ ହୋଇଛି । ଏବେ ଅନୁଷ୍ଠାନର ଫିଟର, ଇଲେକ୍ଟ୍ରିସିଆନ, ପ୍ଲମ୍ବର, ପେଣ୍ଟର, ୱେଲଡର ଟ୍ରେଡର ଛାତ୍ରୀଛାତ୍ରମାନେ ପ୍ରସ୍ତୁତ କରିଥିବା ୭୦ ଫୁଟ ଉଚ୍ଚତାର ବୃହତ୍‌କାୟ ଗିଟାରକୁ ନେଇ ପୁଣି ଏହା ଚର୍ଚ୍ଚା ପରିସରକୁ ଆସିଛି । ୭୦ ଫୁଟ ଉଚ୍ଚତା ଓ ୨୫ ଫୁଟ ଓସାର ନିର୍ମିତ ଏହି ଗିଟାରକୁ ଗୁରୁବାର ଅନୁଷ୍ଠାନ କ୍ୟାମ୍ପସ ପରିସରରେ ସ୍ଥାପନ କରାଯାଇଛି । ଏହାର ଓଜନ ପ୍ରାୟ ୮ ଟନରୁ ଊର୍ଦ୍ଧ୍ୱ ରହିଛି । ଏହାକୁ ପ୍ରସ୍ତୁତି ପାଇଁ ପ୍ରାୟ ୪ ମାସରୁ ଅଧିକ ସମୟ ଲାଗିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ତେବେ ପ୍ରଥମ ଥର ପାଇଁ ଏହି ମଡେଲଟି ଗୋଲଡେନ ବୁକ ଅଫ ୱାଲ୍ଡ ରେକର୍ଡ ଅଥବା ଲିମ୍‌କା ବୁକ ଅଫ୍ ରେକର୍ଡ଼ସରେ ସ୍ଥାନୀତ ହେବା ନେଇ ଆଶା ରହିଥିବା ଅନୁଷ୍ଠାନ ଅଧକ୍ଷ ରଜତ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।


ଗିଟାର ମଡେଲକୁ କ୍ରେନ ସାହାଯ୍ୟରେ ଅନୁଷ୍ଠାନ ପରିସରରେ ସ୍ଥାପନ କରାଯାଉଛି ।

# ଅଲ୍‌ଟ୍ରା ସାଉଣ୍ଡରେ ବିଳମ୍ବ: ଉତ୍ତେଜନା

**ବ୍ରହ୍ମପୁର ଅଫିସ୍,୧୮।୭**

ବ୍ରହ୍ମପୁର ସିଟି ହସ୍‌ପିଟାଲ୍‌ରେ ନୂତନ ଅଲ୍‌ଟ୍ରାସାଉଣ୍ଡ ମେଶିନ୍ ଜୁନ୍ ୨୨ତାରିଖରେ ଉଦ୍‌ଘାଟନ କରାଯାଇଥିଲା। ଘରୋଇ ନର୍ସିଂ ହୋମ୍‌ଗୁଡ଼ିକରେ ଅଲ୍‌ଟ୍ରାସାଉଣ୍ଡ ଫି' ପ୍ରାୟ ୨ ହଜାର ଟଙ୍କା ଥିବା ବେଳେ ଏଠାରେ ସମ୍ପୂର୍ଣ୍ଣ ମାଗଣା ରହିଛି। ଫଳରେ ଗରିବ ରୋଗୀମାନେ ଘରୋଇ ନର୍ସିଂହୋମ୍‌କୁ ଯିବା ବଦଳରେ ସିଟି ହସ୍‌ପିଟାଲ୍‌ରେ ଅଲ୍‌ଟ୍ରାସାଉଣ୍ଡ କରିବାକୁ ପସନ୍ଦ କରୁଛନ୍ତି। ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ହେଲେ ଜଣେ ମାତ୍ର ଟେକ୍ନିସିଆନ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିଯୋଗୁ ଅଲ୍‌ଟ୍ରାସାଉଣ୍ଡରେ ବିଳମ୍ବ ହେଉଛି। ଗର୍ଭବତୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗର୍ଭାବସ୍ଥାରେ ଅନେକ ସମୟ ପର୍ଯ୍ୟନ୍ତ ଧାଡ଼ିରେ ଠିଆ ହେବାକୁ ପଡୁଛି। ଏହାକୁ ନେଇ ଗୁରୁବାର ଉତ୍ତେଜନା ଦେଖା ଦେଇଥିଲା । ସକାଳ ୮ଟାରେ ୱାର୍ଡ଼ ଖୋଲା ଯାଉଛି। କିନ୍ତୁ ତା' ପୂର୍ବରୁ ରୋଗୀମାନେ ଧାଡ଼ିରେ ଠିଆ ହେଉଛନ୍ତି। ଗୁରୁବାର ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା । ଟେକ୍ନିସିଆନ୍ ସକାଳ ୮ଟାରେ ୱାର୍ଡ଼ ଖୋଲିବା ପରେ ଜଣକ ପରେ ଜଣେ ଗର୍ଭବତୀ ଅଲ୍‌ଟ୍ରାସାଉଣ୍ଡ କରିଥିଲେ । ମଧ୍ୟାହ୍ନ ୧୨ଟା ସୁଦ୍ଧା ପ୍ରାୟ ୩୫ଜଣଙ୍କ ଅଲ୍‌ଟ୍ରାସାଉଣ୍ଡ ହୋଇଥିଲା। ସେଥିରେ ପୁଣି ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଥିଲା। ତେବେ କାର୍ଯ୍ୟ ସମୟ ଶେଷ ହୋଇଯିବାରୁ ଟେକ୍ନିସିଆନ୍ ଜଣକ ଚାଲି ଯାଇଥିଲେ । ଯାହାକୁ ନେଇ ଅପେକ୍ଷାରେ ଥିବା ଗର୍ଭବତୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ସେମାନେ ସେଠାରେ ପାଟିତୁଣ୍ଡ କରିଥିଲେ ।


ଅଲ୍‌ଟ୍ରାସାଉଣ୍ଡ କେନ୍ଦ୍ର ବାହାରେ ମହିଳାଙ୍କ ଭିଡ଼ ।

**ସେବା ମହାବିଦ୍ୟାଳୟ ଛାତ୍ରଙ୍କୁ ଛାତ୍ରାବାସ ଦାବି**

# ଦ୍ୱିତୀୟ ଦିନରେ ଧାରଣା, ଶ୍ରେଣୀ ବର୍ଜନ

**ବ୍ରହ୍ମପୁର ଅଫିସ,୧୮।୭**

ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଥିବା ସରକାରୀ ସେବା(ନର୍ସିଂ) ମହାବିଦ୍ୟାଳୟର ଛାତ୍ରଙ୍କୁ ଛାତ୍ରାବାସ ଦେବାକୁ ନେଇ ଚାଲିଥିବା ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଦୁଇଦିନ ଧରି ଛାତ୍ରମାନେ ଶ୍ରେଣୀ ବର୍ଜନ କରି ଧାରଣାରେ ବସିଥିଲେ ମଧ ଅଧକ୍ଷାଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳି ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବା ନେଇ ଛାତ୍ର ସଂଘ ପକ୍ଷରୁ କୁହାଯାଇଛି ।

୨୦୦୯ରୁ ଆରମ୍ଭ ହୋଇଥିବା ପୁରୁଷ ନର୍ସିଂ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଙ୍କ ପାଇଁ ଛାତ୍ରାବାସ ନିର୍ମାଣ ହୋଇଛି। ଗତ ସପ୍ତାହରେ ଏହାର ଉଦ୍‌ଘାଟନ ସରିଥିବା ବେଳେ ଏଠାରେ ରହିବାକୁ ଅଧକ୍ଷା ଅନୁମତି ଦେଉନାହାନ୍ତି। ପ୍ରତିବାଦରେ ଛାତ୍ରମାନେ ନିଜସ୍ୱ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ବୁଧବାର କଲେଜ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ଉପଜିଲାପାଳ ଘଟଣାସ୍ଥଳକୁ ଆସିଥିଲେ ମଧ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇ ପାରି ନ ଥିଲେ ।

ଏହାପରେ ଗୁରୁବାର ପୁଣି ଛାତ୍ରୀଛାତ୍ରମାନେ ଶ୍ରେଣୀ ବର୍ଜନ କରିବା ସହ ଧାରଣା ଦେଇଥିଲେ । ଅଧକ୍ଷାଙ୍କ ପକ୍ଷରୁ ଏଯାଏ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିବା ଛାତ୍ରମାନେ କହିଛନ୍ତି । ଦାବିପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରିବାକୁ ଛାତ୍ରମାନେ ଚେତାବନୀ ଦେଇଛନ୍ତି । ଦ୍ୱିତୀୟ ଦିନରେ ଛାତ୍ର କେଦାର ନାଥ ବେହେରା, ବିନୋଦ ନାୟକ, ଜଗନ୍ନାଥ ବେହେରା, ଅଭିଳାଷ ପାତ୍ର, ଦିବ୍ୟଲୋଚନ ପଣ୍ଡା, ସୌରଭ ସେଠୀ, ପ୍ରଣବ ସାହୁଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ ।

**ଦୁଇଦିନ ପରେ ବି ଶୁଣିଲେନି ଅଧକ୍ଷା**



ନର୍ସିଂ କଲେଜ ସମ୍ମୁଖରେ ଛାତ୍ରମାନେ ଧାରଣାରେ ବସିଛନ୍ତି

